# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 December - 2024

### News Editor : Tapan Kumar Maharana

*************************************

## ମୁଖ୍ୟ ସମ୍ବାଦ

- 'ଏକ ଦେଶ, ଏକ ନିର୍ବାଚନ' ସଂକ୍ରାନ୍ତୀୟ ବିଲ୍ ସପକ୍ଷରେ ୨୬୯ ଜଣ ସାଂସଦ ଲୋକସଭାରେ ଦେଲେ ଭୋଟ ।
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ତିନିଦିନଆ କେଉଁଝର ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ।
- ସୁଭଦ୍ରା ଯୋଜନାର ଆବେଦନପତ୍ରଗୁଡ଼ିକର ଯାଞ୍ଚ ଚାଲିଥିବାରୁ ଚଳିତ ମାସ ୨୫ ତାରିଖର ସହାୟତା ବଣ୍ଟନ ସ୍ଥଗିତ ରଖିଲେ ରାଜ୍ୟ ସରକାର ।

ଏବଂ

- ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ପୂଜାର୍ଚ୍ଚନା ସହିତ ଆଜିଠାରୁ ଆରମ୍ଭ ହେଲା ରଥ କାଠସଂଗ୍ରହ ।

*Desk*

# ‘ଏକ ଦେଶ, ଏକ ନିର୍ବାଚନ’

‘ଏକ ଦେଶ, ଏକ ନିର୍ବାଚନ’ ସଂକ୍ରାନ୍ତୀୟ ବିଲ୍ ଆଜି ଲୋକସଭାରେ ଉପସ୍ଥାପନ କରାଯାଇଛି। ଲୋକସଭାରେ ୨୬୯ ଜଣ ସାଂସଦ ବିଲ୍ ସପକ୍ଷରେ ଭୋଟ୍ ଦେଇଥିବାବେଳେ ୧୯୮ ଜଣ ସାଂସଦ ବିଲ୍ ବିପକ୍ଷରେ ଭୋଟ୍ ଦେଇଛନ୍ତି। ‘ଏକ ଦେଶ, ଏକ ନିର୍ବାଚନ’ ବିଲ୍ ଉପରେ ଭୋଟିଂ ହେବାପରେ ବାଚସ୍ପତି ଓମ୍ ବିର୍ଲା ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଛନ୍ତି। କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଆଜି ପୂର୍ବାହ୍ନରେ ଏହି ବିଲ୍‌କୁ ଲୋକସଭାରେ ଆଗତ କରିଥିଲେ। ଦେଶରେ ଏକକାଳୀନ ରାଜ୍ୟ ତଥା କେନ୍ଦ୍ର ସରକାର ଗଠନ ପାଇଁ ଏକକ ନିର୍ବାଚନ କରିବା ସପକ୍ଷରେ ଗତ ସପ୍ତାହରେ କେନ୍ଦ୍ର କ୍ୟାବିନେଟ୍ ସ୍ୱୀକୃତି ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ‘ଏକ ଦେଶ, ଏକ ନିର୍ବାଚନ’ ବିଲ୍ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଉ। ଯୁଗ୍ମ ସଂସଦୀୟ କମିଟିରେ ବିଲ୍ ଉପରେ ପୁଙ୍ଖାନପୁଙ୍ଖ ଆଲୋଚନା ହେବାନେଇ ମଧ୍ୟ ଗୃହମନ୍ତ୍ରୀ ଅମିତ୍ ଶାହା ମତପ୍ରକାଶ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ କହିଛନ୍ତି, ଏହି ବିଲ୍ କୌଣସି ଦଳ ବା ବ୍ୟକ୍ତିବିଶେଷଙ୍କ ପାଇଁ ନୁହେଁ। ଏହା ଦେଶର ହିତ ପାଇଁ ଉଦ୍ଦିଷ୍ଟ। ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କ ସହଯୋଗୀ ଦଳ ଜନତା ଦଳ ୟୁନାଇଟେଡ୍, ତେଲଗୁଦେଶମ୍ ପାର୍ଟି, ଶିବସେନା ଏବଂ ଅନ୍ୟ ଦଳମାନେ ବିଲ୍ ସପକ୍ଷରେ ମତପୋଷଣ କରିଥିବାବେଳେ କଂଗ୍ରେସ, ଡିଏମ୍‌କେ,

ସମାଜବାଦୀ ପାର୍ଟି ବିଲ୍‌କୁ ପ୍ରତ୍ୟାହାର କରିବା ପାଇଁ ସଂସଦରେ ଦାବି କରିଛନ୍ତି। ସୂଚନାଯୋଗ୍ୟ ସଂସଦରେ 'ଏକ ଦେଶ, ଏକ ନିର୍ବାଚନ' ବିଲ୍ ଆଗତ କରାଯାଇ ସମ୍ବିଧାନର ଧାରା ୧୨୯ ସଂଶୋଧନ ପାଇଁ ଆଜି ପ୍ରସ୍ତାବ ଆଗତ କରାଯାଇଛି। 'ଏକ ଦେଶ, ଏକ ନିର୍ବାଚନ' ବିଲ୍‌ରେ ଲୋକସଭା ସହିତ ବିଧାନସଭା ନିର୍ବାଚନ ଏକସାଙ୍ଗରେ କରାଯିବ ଏବଂ ପରବର୍ତ୍ତୀ ୧୦୦ ଦିନ ମଧ୍ୟରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳଗୁଡ଼ିକରେ ଲୋକପ୍ରତିନିଧି ନିର୍ବାଚନ କରିବା ପାଇଁ ପ୍ରସ୍ତାବ ରହିଛି।

***Desk***

## ମୁଖ୍ୟମନ୍ତ୍ରୀଙ୍କ ତିନିଦିନିଆ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ତିନିଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ଆଜି ସକାଳେ କେନ୍ଦୁଝରରେ ପହଞ୍ଚିଛନ୍ତି। ମୁଖ୍ୟମନ୍ତ୍ରୀ ଆଜି ପୂର୍ବାହ୍ନରେ ଅଶୋକବାଟିକାରେ ଅନୁଷ୍ଠିତ ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀରେ ଯୋଗ ଦେଇଥିଲେ। ଏହାପରେ ମୁକୁନାସ୍ଥିତ ସତ୍ୟନାରାୟଣ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସମବେତ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ଆସନ୍ତାକାଲି ସନ୍ଧ୍ୟାରେ ଗୋନାସିକା କେନ୍ଦୁଝର ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ୧୯ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

***Desk***

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରେ ଆବେଦନପତ୍ରଗୁଡ଼ିକ ଯାଞ୍ଚ ଚାଲିଥିବାରୁ ଆସନ୍ତା ୨୫ ତାରିଖରେ ଦିଆଯିବାକୁ ଥିବା ଚତୁର୍ଥ କିସ୍ତି ସହାୟତାକୁ ସ୍ଥଗିତ ରଖାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ସହାୟତା ପାଇବା ନିମନ୍ତେ ବାୟୋମେଟ୍ରିକ୍ ପ୍ରକ୍ରିୟାରେ ଇ-କେଓ୍ୱାଇସି କରାଯାଉଛି। ବାୟୋମେଟ୍ରିକ୍ ପ୍ରକ୍ରିୟାରେ ସମସ୍ତ ଆବେଦନକାରୀଙ୍କ ଇ-କେଓ୍ୱାଇସି ଯାଞ୍ଚ ଶେଷ ହେବାପରେ ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସହାୟତା ରାଶି ଦିଆଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

**- V/O -**

ଅନ୍ୟପକ୍ଷରେ କର୍ତ୍ତବ୍ୟରେ ଅବହେଳା ପାଇଁ ଏପର୍ଯ୍ୟନ୍ତ ୫୨ଟି ଜନସେବା କେନ୍ଦ୍ରକୁ କଳା ତାଲିକାଭୁକ୍ତ କରାଯାଇଛି ଏବଂ ହିତାଧିକାରୀଙ୍କ ଠାରୁ ଟଙ୍କା ଦାବି କରିବା ଅଭିଯୋଗରେ ୧୪ଟି ଜନସେବା କେନ୍ଦ୍ର ବିରୁଦ୍ଧରେ ଥାନାରେ ଏତଲା ଦିଆଯାଇଛି।

***Desk***

## ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଜାନୁୟାରୀ ମାସରେ ଓଡ଼ିଶାକୁ ୨ ଥର ଗସ୍ତ କରିବେ। ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଆସନ୍ତା ଜାନୁୟାରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସରେ ପ୍ରଧାନମନ୍ତ୍ରୀ ଯୋଗ ଦେବେ। ପୁଣିଥରେ ଜାନୁୟାରୀ ୨୮ ଓ ୨୯ ତାରିଖରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ପ୍ରଧାନମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

*Nayagarh+Puri*

## ରଥଯାତ୍ରା ପାଇଁ କାଠ ସଂଗ୍ରହ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆସନ୍ତା ବର୍ଷ ରଥଯାତ୍ରା ପାଇଁ ଧାର୍ମିକ ରୀତିରେ ନିଷ୍ଠାପୂର୍ବକ କାଠପୂଜା କାର୍ଯ୍ୟ ସମ୍ପନ୍ନ ହୋଇଛି। ନୟାଗଡ଼ ବନଖଣ୍ଡରୁ ୮୧୪ ଖଣ୍ଡ ଅସନ, ଧଉରା, ଫାଶି ଏବଂ ଶିମିଳି କାଠ ପୁରୀକୁ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ଶ୍ରୀମନ୍ଦିରର ଏକ ପାଞ୍ଚଜଣିଆ ପ୍ରତିନିଧି ଦଳ ଶ୍ରୀଜୀଉଙ୍କ ଠାରୁ ଆଜ୍ଞାମାଳ, ପାଟପଡନୀ, ଖଣ୍ଡୁଆପାଟ, ମହାପ୍ରସାଦ, ଫୁଲମାଳ ଏବଂ ଧୂପଦୀପ ନେଇ ନୟାଗଡ଼ରେ ପହଞ୍ଚିବା ପରେ ଆଜି ପାରମ୍ପରିକ ପ୍ରଥା ଅନୁସାରେ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଅଧିନରେ ଥିବା ବେଠିଆ ସାହି ଗ୍ରାମର ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରବର୍ତ୍ତୀ ସମୟରେ ବଡ଼ମୂଳ ଗ୍ରାମରେ ବିଜେ କରିଥିବା ପ୍ରସିଦ୍ଧ ବଡ଼ରାଉଳ ଠାକୁରାଣୀଙ୍କ ପୀଠରେ ଶ୍ରୀମନ୍ଦିରର ବିଧିବ୍ୟବସ୍ଥା ଅନୁସାରେ ହୋମ ଓ ପୂଜାକାର୍ଯ୍ୟ ସମ୍ପନ୍ନ କରାଯାଇଥିଲା।

ସୂଚନାଯୋଗ୍ୟ ଶ୍ରୀଜୀଉମାନଙ୍କର ରଥନିର୍ମାଣ ପାଇଁ ସମୁଦାୟ ୮୬୫ ଖଣ୍ଡ ବିଭିନ୍ନ ପ୍ରକାରର କାଠର ଆବଶ୍ୟକତା ରହିଛି। ଶ୍ରୀମନ୍ଦିର ପ୍ରଶାସନ ନିକଟରେ ୫୧ ଖଣ୍ଡ ବଳକା କାଠ ରହିଥିବାରୁ ଆସନ୍ତା ବର୍ଷ ରଥ ନିର୍ମାଣ ପାଇଁ ଅବଶିଷ୍ଟ ୮୧୪ ଖଣ୍ଡ କାଠର ଆବଶ୍ୟକତା ରହିଛି ବୋଲି ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି।

***KORAPUT***

## ଲୋକମହୋତ୍ସବ 'ପରବ'

ରାଜ୍ୟ ସରକାର ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି। କୋରାପୁଟ ଜିଲ୍ଲାର ବିକାଶ ପାଇଁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦିଆଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଜାତୀୟ ସ୍ତରୀୟ ଲୋକମହୋତ୍ସବ 'ପରବ' ଅବସରରେ ସମବେତ ଜନତାଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, କୋରାପୁଟ ଜିଲ୍ଲାର ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ପରବ ମାଧ୍ୟମରେ ଜିଲ୍ଲାବାସୀ ବିଶ୍ୱଦରବାରରେ ପହଞ୍ଚାଇଛନ୍ତି। ଏଥିପୂର୍ବରୁ ରାଜସ୍ୱମନ୍ତ୍ରୀ କୋରାପୁଟଠାରେ ଜିଲ୍ଲା ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଭାଗନେଇ ଆଦିବାସୀ ଅଞ୍ଚଳର ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପରାମର୍ଶ ଦେଇଛନ୍ତି।

***Desk***

## ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ

ଜାନୁୟାରୀ ୨୬ ତାରିଖ ଭୁବନେଶ୍ୱରସ୍ଥିତ ଗାନ୍ଧୀମାର୍ଗରେ ପାଳନ ହେବାକୁ ଥିବା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ରାଜ୍ୟର ଐତିହ୍ୟ, ପରମ୍ପରା, ଅସ୍ମିତା ଏବଂ ବିକାଶକୁ ନେଇ ପ୍ରସ୍ତୁତ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହେବ। ଏଥିନିମନ୍ତେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଗ୍ରାମ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରଜ୍ଞାପନ ମେଢ଼ଗୁଡ଼ିକୁ ଅଧିକ ଆକର୍ଷଣ ଓ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିବାକୁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୪ ତାରିଖ ସୁଦ୍ଧା ସମ୍ପୃକ୍ତ ବିଭାଗଗୁଡ଼ିକ ସେମାନଙ୍କ ବିଷୟବସ୍ତୁ ସମ୍ପର୍କିତ ପ୍ରଜ୍ଞାପନ ମେଢ଼ର ସଂରଚନା ପ୍ରଦାନ କରିବେ। ଏହାକୁ ଯାଞ୍ଚ କରାଯାଇ ଶ୍ରେଷ୍ଠ ନମୁନାଗୁଡ଼ିକୁ ମନୋନୟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

***Desk***

## ବନକର୍ମଚାରୀଙ୍କୁ ବନ୍ଧୁକ ପ୍ରଦାନ

ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ସହ ବନବିଭାଗ କର୍ମଚାରୀଙ୍କୁ ଅଧିକ ସଶକ୍ତ କରିବା ପାଇଁ ସେମାନଙ୍କୁ ଖୁବ୍‌ଶୀଘ୍ର ବନ୍ଧୁକ ଯୋଗାଇ ଦିଆଯିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି। ଜଙ୍ଗଲ ସୁରକ୍ଷା ପାଇଁ ସରକାର ନୂଆ ନୂଆ ଯୋଜନା ହାତକୁ ନିଆଯାଇଛି। ବନ୍ୟପ୍ରାଣୀଙ୍କ ସୁରକ୍ଷାରେ ବାଧା ସୃଷ୍ଟି କରୁଥିବା ଶିକାରୀ ଓ ଜଙ୍ଗଲ ମାଫିଆଙ୍କ ମୁକାବିଲା ପାଇଁ ପୋଲିସ୍‌ର ସାହାଯ୍ୟ ନିଆଯାଉଛି। ଏଥିସହ ଜଙ୍ଗଲ ଅଞ୍ଚଳ ଦେଇ ଯାଇଥିବା ରେଳଲାଇନ୍‌ରେ ଅସାମାଜିକ

ବ୍ୟକ୍ତିଙ୍କ ଗତିବିଧିକୁ ନଜର ରଖିବା ପାଇଁ ବିଭାଗ ପକ୍ଷରୁ ରାଉରକେଲା ଓ ଶିମିଳିପାଳରେ ଏଆଇ କ୍ୟାମେରା ଲଗାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି।

***PIB***

## ଫିଟ୍ ଇଣ୍ଡିଆ ସାଇକ୍ଲିଂ

କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟ ଆଜି ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମରୁ ଫିଟ୍ ଇଣ୍ଡିଆ ସାଇକେଲ୍ ଚାଳନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ସାଇକ୍ଲିଂ ଫେଡେରେସନ ଅଫ୍ ଇଣ୍ଡିଆ, ମାଇଁ ଭାରତ, ଆଞ୍ଚଳିକ ସାଇ ଜାତୀୟ ଉତ୍କର୍ଷ କେନ୍ଦ୍ର, ଖେଲୋ ଇଣ୍ଡିଆ କେନ୍ଦ୍ର ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ସମଗ୍ର ଦେଶର ୧ ହଜାର ସ୍ଥାନରେ ବିଭିନ୍ନ ଆଞ୍ଚଳିକ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

କଟକସ୍ଥିତ ଜଗତ୍‌ପୁରରେ ସ୍ପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆ - ସାଇ, ଜାତୀୟ ଉତ୍କର୍ଷ କେନ୍ଦ୍ର ପକ୍ଷରୁ ମଧ୍ୟ ଆଜି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ସାଇକେଲ୍ ଚାଳକମାନେ ପ୍ରାୟ ୩ କିଲୋମିଟର ପର୍ଯ୍ୟନ୍ତ କଟକ ସହରର ବାରବାଟୀ ଦୁର୍ଗ ଦେଇ ସ୍ଥାନୀୟ ସମାଜ ଅଫିସ ପର୍ଯ୍ୟନ୍ତ ସାଇକେଲ୍ ଚାଳନା କରିଛନ୍ତି।

***Ganjam***

## ଲକ୍ଷପତି ଦିଦି

ଲକ୍ଷପତି ଦିଦି ଯୋଜନାର ରୂପାୟନ ସମ୍ପର୍କରେ ଆଜି ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକର ମର୍ଦ୍ଧରାଜ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଦୁଇଦିନ ମଧ୍ୟରେ ସମସ୍ତ ପଞ୍ଚାୟତରେ ଟାର୍ଗେଟ୍ ପୂରଣ କରିବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଛି। ଲକ୍ଷପତି ଦିଦି ଯୋଜନାରେ ଜୀବିକା ମିଶନ ମାଧ୍ୟମରେ ମହିଳାମାନେ ବର୍ଷକୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିବାର ବ୍ୟବସ୍ଥା ରହିଛି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାମାନଙ୍କୁ ଲକ୍ଷପତି ଦିଦି ଆପ୍‌ରେ ସାମିଲ କରାଯାଇଛି।